# ଭୂଦାନ ଯଜ୍ଞର ସନ୍ଥ

ପଣ୍ଡିତ ତ୍ରିଲୋଚନ ମିଶ୍ର

ଦେବଭୂମି ଭାରତବର୍ଷରେ ଏପରି କୌଣସି ଭୂଖଣ୍ଡ ନାହିଁ ଯେଉଁଠାରେ ସିଦ୍ଧ ସନ୍ଥମାନଙ୍କର ଆବିର୍ଭାବ ନ ଘଟିଛି । ବୀରଭୂମି ମହାରାଷ୍ଟ୍ର ମଧ୍ୟ ଏ ସୌଭାଗ୍ୟରୁ ବଞ୍ଚିତ ହୋଇନାହିଁ । ସନ୍ଥ ନାମଦେବ, ସନ୍ଥ ଜ୍ଞାନଦେବ, ସନ୍ଥ ଏକନାଥ, ସନ୍ଥ ତୁକାରାମ, ସମର୍ଥ ସନ୍ଥ ରାମ ଦାସଙ୍କ ପରି ମହାନ ସନ୍ଥମାନେ ଏଠାରେ ଜନ୍ମ ନେଇଛନ୍ତି । ଏ ଯୁଗରେ ସେହି ମହାତ୍ମାମାନଙ୍କ ସହ ଯୋଡି ହୋଇଗଲେ ସନ୍ଥ ବିନୋବାଭାବେ । ୧୮୯୫ ମସିହା ସେପ୍ଟେମ୍ବର ୧୧ ତାରିଖ ଦିନ ପିତା ନରହରି ଓ ମାତା ରୁକ୍ମିଣୀ ଦେବୀଙ୍କ କୋଳମଣ୍ଡନ କରିଥିଲେ ଏହି ମହାନ ସନ୍ଥ । ପିତା ଶିଶୁଟିର ନାମ ରଖିଥିଲେ ବିନାୟକ । ମାତ୍ର ଜେଜେ ଶମ୍ଭୁ ରାଓ ଶ୍ରଦ୍ଧାରେ ଡାକୁଥିଲେ ବିନ୍ୟା । ଜେଜେ, ଜେଜେମା ଶିଶୁଟିକୁ ବାଲ୍ୟକାଳରୁ ରାମାୟଣ, ମହାଭାରତ, ଭାଗବତ କଥା ଶୁଣାଇ ଆଧାତ୍ମିକ ମୂଳଦୁଆ ପକାଇ ଦେଇଥିଲେ । ମାତ୍ର ୩ବର୍ଷରେ ଶିଶୁ ବିନ୍ୟା ଅକ୍ଷର ଶିଖି, ଗୀତା ପାଠ ଆରମ୍ଭ କରିଦେଲେ । ଆଠବର୍ଷରେ ଗୀତାଜ୍ଞାନେଶ୍ୱରୀ ତାଙ୍କର କଣ୍ଠସ୍ଥ ହୋଇଗଲା । କୋଷ୍ଠୀ ସୁଝାଇ ପିତା ତାଙ୍କୁ ୧୦ ବର୍ଷରେ ଯଜ୍ଞୋପବୀତ ପ୍ରଦାନ କଲେ । ଜନ୍ମସ୍ଥାନ ବରୋଦାରୁ ବାଲ୍ୟଶିକ୍ଷା ସାରି ସେ ଅହମ୍ମଦାବାଦ ଯାଇ ମାଟ୍ରିକ ପାସ୍‌କଲେ । ପିତାଙ୍କ ଆଗ୍ରହକୁ ଦେଖି ସେ ଫ୍ରେଞ୍ଚ ପଢି କୃତକାର୍ଯ୍ୟ ହେଲେ । ମାତ୍ର ଏହି ଶିକ୍ଷା ଇଂରେଜମାନଙ୍କ ପାଖରେ ଗୋଲାମି କରିବା ପାଇଁ ଉଦ୍ଦିଷ୍ଟ ଜାଣି ସେ ଶିକ୍ଷାର ସମସ୍ତ ପ୍ରମାଣପତ୍ର ପୋଡି ଦେଇ ଭାରତୀୟ ଶିକ୍ଷାର ମୂଳାଧାର ସଂସ୍କୃତ ଅଧ୍ୟୟନ ଲକ୍ଷ୍ୟରେ କାଶୀ ଚାଲିଗଲେ । ସେଠାରେ ମୁକ୍ତି ସଂଗ୍ରାମର ମହାରଥୀ ତାନ୍ତିଆ ଟୋପେଙ୍କ ଭଗ୍ନିଙ୍କ ଗୃହରେ ରହି ୧୨ବର୍ଷର ସଂସ୍କୃତ ଶିକ୍ଷାକୁ ମାତ୍ର ୩ମାସରେ ସାରିଦେଲେ । ତାଙ୍କର ଏଭଳି ଅଲୌକିକ ପ୍ରତିଭା କାଶୀର ପଣ୍ଡିତ ମଣ୍ଡଳୀଙ୍କୁ ପ୍ରଭାବିତ କରିଥିଲା । ୧୯୧୬ ମସିହାରେ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଗାନ୍ଧିଜୀଙ୍କ ପ୍ରଦତ୍ତ ଭାଷଣ ତାଙ୍କୁ ମୁକ୍ତି ସଂଗ୍ରାମ ପାଇଁ ଆକୃଷ୍ଟ କରିଥିଲା । ହିମାଳୟକୁ ତପସ୍ୟା କରି ଯିବା ଚିନ୍ତନ ବଦଳାଇ ସେ ସାବରମତୀ ଆଶ୍ରମକୁ ଯାଇ ବାପୁଜୀଙ୍କୁ ସାକ୍ଷାତ କଲେ । ପ୍ରଥମ ଦର୍ଶନରେ ଉଭୟେ ଉଭୟକୁ ଜାଣି ଏକାଠି ହୋଇଗଲେ । ଏପରି ହେଲା ଯେ ପରସ୍ପର ପରସ୍ପରକୁ ଗୁରୁଜ୍ଞାନ କଲେ । ଗୀତାଜ୍ଞାନ ଆହରଣ ପାଇଁ ବାପୁଜୀ ବିନୋବାଜୀଙ୍କୁ ଗୁରୁ ମଣୁଥିବା ସ୍ଥଳେ ମୁକ୍ତି ସଂଗ୍ରାମ ପରିଚାଳନାରେ ବିନୋବାଜୀ ବାପୁଜୀଙ୍କୁ ଗୁରୁ ଆସନ ଦେଇଥିଲେ । ନିଜେ ବାପୁଜୀ ବିନାୟକଙ୍କୁ ବିନୋବାଭାବେ ନାମ ପ୍ରଦାନ କରିଥିଲେ । ପୂଜ୍ୟ ବାପୁଙ୍କ ପ୍ରିୟ ଓ୍ୱାର୍ଦ୍ଧା ଆଶ୍ରମ ଓ ନିଜର ତପଃସ୍ଥଳୀ ପୌନାର ଆଶ୍ରମ ବିନୋବାଜୀଙ୍କ ଦ୍ୱାରା ହିଁ ପୂର୍ଣ୍ଣାଙ୍ଗ ହୋଇଥିଲା ।

୧୯୪୦ ମସିହାରେ ବାପୁଜୀ ଅସହଯୋଗ ଆନ୍ଦୋଳନକୁ କ୍ରିୟାଶୀଳ କରାଇବା ପାଇଁ ନୀତିନିଷ୍ଠ ନିଷ୍ଠଳଙ୍କ ସତ୍ୟାଗ୍ରହୀଙ୍କୁ ଖୋଜିବା ଆରମ୍ଭ କରି ସନ୍ଥ ବିନୋବାଜୀଙ୍କୁ ପ୍ରଥମ ସତ୍ୟାଗ୍ରହୀ ଘୋଷଣା କରିଦେଲେ । ୧୯୪୨ 'ଭାରତଛାଡ' ଆନ୍ଦୋଳନରେ ସଂପୃକ୍ତି ହେତୁ ବିନୋବାଜୀ ୩ବର୍ଷ ଜେଲ ଦଣ୍ଡ ଭୋଗିଲେ । ଜେଲ୍ ମଧ୍ୟରେ ରାଜବନ୍ଦୀର ସୁବିଧା ସୁଯୋଗକୁ ବର୍ଜନ କରି ସାଧାରଣ ବନ୍ଦୀ ଜୀବନ କଟେଇ ସେ ସଚ୍ଚା ସତ୍ୟାଗ୍ରହୀ ଧର୍ମ ପାଳନ କରିଥିଲେ । ଜେଲ୍ ଜୀବନ କଟେଇବା ସମୟରେ ସେ ଅନେକ ଦୁର୍ଲଭ ରଚନା କରିବା ସହ ସମସ୍ତ ଭାରତୀୟ ଭାଷା ବନ୍ଦୀମାନଙ୍କଠାରୁ ଶିଖିନେଇଥିଲେ । ଜେଲ୍‌ରୁ ମୁକ୍ତ ହେବାପରେ ସେ ସତ୍ୟାଗ୍ରହ ସାରସ୍ୱତ ସାଧନା, ସର୍ବୋଦୟ, ଗୋସୁରକ୍ଷା, ନିଶା ନିବାରଣ, ମୌଳିକ ଶିକ୍ଷା, ଗୀତଜ୍ଞାନ ଶିକ୍ଷା ଭଳି ମହାନ କାର୍ଯ୍ୟରେ ମଜ୍ଜି ରହିଥିଲେ । ୧୯୪୮ ମସିହା ବାପୁଙ୍କ ବିୟୋଗ ତାଙ୍କୁ ଭାରି

ବାଧିଥିଲା । ମାତ୍ର ବିଚଳିତ ନହୋଇ ସମଗ୍ର ଭାରତବର୍ଷ ପଦଯାତ୍ରାରେ ବାହାରିଲେ । ଲକ୍ଷ୍ୟ ଥିଲା ସମାଜର ଅବହେଳିତ, ଦଳିତମାନଙ୍କ ସହ ମିଶିବା ଓ ସେମାନଙ୍କୁ ବାପୁ ଆଣିଥିବା ସ୍ୱାଧୀନତାର ଉଦ୍ଦେଶ୍ୟ ବୁଝାଇବା । ନିଃସ୍ୱ କୃଷିଜୀବୀମାନଙ୍କୁ କିଛି କିଛି ଚାଷଜମି ଯୋଗାଇ ଦେବା ଲକ୍ଷ୍ୟରେ ସେ ଭୂଦାନ ଯଜ୍ଞ ଆରମ୍ଭ କଲେ । ୧୯୫୧ ମାର୍ଚ୍ଚ ୧୮ ତାରିଖ ଦିନ ତାଙ୍କ ପଦଯାତ୍ରା ପହଞ୍ଚିଲା ହାଇଦ୍ରାବାଦ ସନ୍ନିକଟ ଏକ ପଲ୍ଲୀ ଗ୍ରାମରେ । ସନ୍ଥଙ୍କ ମନକଥା ଜାଣି ରାମଚନ୍ଦ୍ର ରେଡ୍ଡି ନାମକ ଜଣେ ସହୃଦୟ ବ୍ୟକ୍ତି ୧୦୦ ଏକର ଜମି ଭୂଦାନ ଯଜ୍ଞ ପାଇଁ ଦାନ କରିଦେଲେ । ଏଥିରେ ଉତ୍ସାହିତ ହୋଇ ସନ୍ଥ ବିନୋବା ସମଗ୍ର ଦେଶ ବୁଲି ମାତ୍ର ୫ବର୍ଷ ମଧ୍ୟରେ ୧୨ଲକ୍ଷ ଏକର ଜମି ପାଇ ଦରିଦ୍ର ନିଃସ୍ୱମାନଙ୍କୁ ବାଣ୍ଟିଦେଲେ । ୧୯୫୫ରେ ବିନୋବାଜୀଙ୍କ ପାଦ ଓଡ଼ିଶା ମାଟି ମାଡ଼ିଲା । ଏଠାରେ ମଧ୍ୟ ତାଙ୍କୁ ୩ଲକ୍ଷ ଏକର ଜମି ମିଳିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । ଶ୍ରୀକ୍ଷେତ୍ର ପୁରୀରେ ଆୟୋଜିତ ୭ମ ଜାତୀୟ ସର୍ବୋଦୟ ମେଳାର ମୁଖ୍ୟ ଆକର୍ଷଣ ଥିଲେ ସନ୍ଥ ବିନୋବା । ଶ୍ରୀକ୍ଷେତ୍ରରୁ ବ୍ରହ୍ମପୁର ଦେଇ ଚିର ଅବହେଳିତ ବନବାସୀ ବହୁଳ କୋରାପୁଟ ଜିଲ୍ଲାରେ ପହଞ୍ଚିଥିଲା ଭୂଦାନଯଜ୍ଞ ପଦଯାତ୍ରା । କେବଳ ଜମି ନୁହେଁ, ୨୭୦ ଖଣ୍ଡ ଗ୍ରାମବାସୀ ତାଙ୍କୁ ସମସ୍ତ ଗ୍ରାମ ଦାନ କରି ଇତିହାସ ରଚିଲେ । ସେସବୁ ଗ୍ରାମର ପ୍ରତ୍ୟେକ ଗ୍ରାମବାସୀ ପରସ୍ପର ଦୁଃଖ ସୁଖରେ ସମଭାଗି ହୋଇ ଚଳିବାକୁ ସନ୍ଥଙ୍କ ସମ୍ମୁଖରେ ସଙ୍କଳ୍ପ କଲେ । ସରଳପ୍ରାଣ ବନବାସୀମାନଙ୍କର ଏତାଦୃଶ ସଂକଳ୍ପ ବିନୋବାଜୀଙ୍କୁ ବିଶେଷ ପ୍ରଭାବିତ କରିଥିଲା । ସଦାଶିବ ତ୍ରିପାଠୀ ନିଜ ପୈତୃକ ସମ୍ପତ୍ତିରୁ ୫୦ ଏକର ଭୂଦାନ ଯଜ୍ଞରେ ଦାନ ଦେଇ ରାଜ୍ୟ ପାଇଁ ଆଦର୍ଶ ହୋଇଗଲେ । ଦୀର୍ଘ ୪ମାସ ଧରି କୋରାପୁଟ ଜିଲ୍ଲାର ଗାଁକୁ ଗାଁ ପରିକ୍ରମା କରିଥିଲେ ସନ୍ଥ ବିନୋବା । ଏହି ଐତିହାସିକ ଯାତ୍ରାରେ ସନ୍ଥଙ୍କ ସହ ସାମିଲ ଥିଲେ ମା ରମାଦେବୀ, ମା' ଅନ୍ନପୂର୍ଣ୍ଣା ଦେବୀ, ମା' ଗୋଦାବରୀ ଦେବୀ, ମା ଇନ୍ଦୁମତୀ ଦେବୀ, ମା ମାଳତୀ ଦେବୀ, ସଦାଶିବ ତ୍ରିପାଠୀ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ବାଞ୍ଛାନିଧି ମିଶ୍ର, ମହମ୍ମଦ ବାଜୀ ଓ ଆହୁରି ଅନେକ । ସର୍ବୋଦୟ ଚିନ୍ତନର ଶ୍ରେୟ ହିଁ ମିଳିଛି ଏହି ପ୍ରଥିତଯଶାମାନଙ୍କୁ ।

ପୂଜ୍ୟ ବିନୋବାଜୀ ଥିଲେ ଜଣେ ବହୁ ଭାଷାବିତ୍ ଓ ସାରସ୍ୱତ ସାଧକ । ସମସ୍ତ ଭାରତୀୟ ଭାଷା ସହ ଇଂରାଜୀ, ଫ୍ରେଞ୍ଚ, ଜର୍ମାନ, ଲାଟିନ୍, ପାର୍ଶୀ, ଆରବୀ ଭାଷାଜ୍ଞାନ ତାଙ୍କର ଥିଲା । ଧର୍ମଗ୍ରନ୍ଥ ବେଦ, ବେଦାନ୍ତ, ପୁରାଣ, ଉପନିଷଦ, କୋରାନ, ବାଇବେଲ୍, ଗୁରୁଗ୍ରନ୍ଥ ସାହେବ, ବୌଦ୍ଧ ଦର୍ଶନ, ଜୈନ ଦର୍ଶନର ଗୁରୁତତ୍ତ୍ୱକୁ ସେ ଆହରଣ କରି ନିର୍ଭୁଲ ଭାବେ ବୋଲି ବୁଝାଇ ପାରୁଥିଲେ । କେବଳ ଏଇଥିପାଇଁ ଗାନ୍ଧିଜୀ ତାଙ୍କୁ ଅତି ମାନବ ଭାବେ ସମ୍ବୋଧନ କରୁଥିଲେ । ସାମ୍ୟବାଦର ବୈପ୍ଳବିକ ଚିନ୍ତନକୁ ସନ୍ଥ ବିନୋବାଙ୍କ ଭୂଦାନ, ଗ୍ରାମଦାନ, ଗ୍ରାମସ୍ୱରାଜ୍ୟ, ସର୍ବୋଦୟ ସଫଳତା ବଦଳାଇ ଦେଇଥିଲେ । ଆମେ କିନ୍ତୁ ଏହି ଅତି ମାନବଙ୍କ ମହାନ ଚିନ୍ତନକୁ ଭୁଲିଗଲେ । ନୀତିଭ୍ରଷ୍ଟମାନଙ୍କ ନାଲିଫିତା ତଳେ ତାଙ୍କ ସର୍ବୋଦୟ ବାଣୀ ଚିପି ହୋଇ ରହିଗଲା । ଗାନ୍ଧୀଙ୍କ ରାମରାଜ୍ୟ ବିନୋବାଙ୍କ ଗ୍ରାମ୍ୟ ସ୍ୱରାଜ୍ୟ ଇତିହାସ ହୋଇ ରହିଗଲା । ଦେଶ ନୀତିଭ୍ରଷ୍ଟମାନଙ୍କ କବଳକୁ ଚାଲିଗଲା । ୧୯୮୨ ନଭେମ୍ବର ୧୫ ତାରିଖ ପବିତ୍ର ଦୀପାବଳି ଦିନ ଏହି ମହାନ ସନ୍ଥ ବ୍ରହ୍ମଲୀନ ହୋଇଗଲେ । ଉପବାସ ବ୍ରତରଖି ଶୁଦ୍ଧ ଶରୀରରେ ସେ ପରମାତ୍ମାଙ୍କ ପାଖକୁ ଚାଲିଗଲେ । ତାଙ୍କୁ ୧୯୮୩ରେ ମରଣୋତ୍ତର 'ଭାରତରତ୍ନ' ସମ୍ମାନ ଅର୍ପଣ କରାଗଲା । ଅବହେଳିତ ନିଃସ୍ୱ ସମାଜ ଆଶାଭରସା ହରାଇ ବସିଲେ । ରାମରାଜ୍ୟ ଭଳି ଭୂଦାନ, ଗ୍ରାମସ୍ୱରାଜ୍ୟ, ସର୍ବୋଦୟ ସେମାନଙ୍କ ପାଇଁ ସ୍ୱପ୍ନହୋଇ ରହିଗଲା ଆମେ ସବୁ ନିରବ ରହିଲେ, ଭବିଷ୍ୟତ ଆମ ନିରବତାକୁ କ୍ଷମାଦେବ ତ ?

ଆବାହକ
ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ, ଶହୀଦ୍ ସ୍ମୃତି ସଂସଦ

❖ ❖ ❖